# ଅଟକିଛି ପ୍ରଗତି, ପିଇବା ପାଣି ମିଳୁନି

- ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଅଞ୍ଚଳବାସୀ
- ବିଞ୍ଝାରପୁର ନିର୍ବାଚନମଣ୍ଡଳୀ


ଜଳସେଚନ ସୁବିଧା ନ ଥିବାରୁ ଚାଷ ଜମି ଶୁଖିଲା ପଡ଼ିଛି।

**ଯାଜପୁର,୨୨।୪(ହର୍ଷବର୍ଦ୍ଧନ ବେହେରା):**

ସ୍ୱାଧୀନତା ପରେ ୧୯୬୮ ପର୍ଯ୍ୟନ୍ତ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେତିକି ପ୍ରଗତି ହାସଲ କରିଥିଲା ସେତିକିରେ ଅଟକି ରହିଯାଇଛି। ଏବେ ଦ୍ୱାଦଶ ପଞ୍ଚ ବାର୍ଷିକ ଯୋଜନାରେ ଦେଶ ପହଞ୍ଚିଥିଲେ ହେଁ ଏହି ନିର୍ବାଚନମଣ୍ଡଳୀରେ ବିପୁଳ କୋଟିରେ ସରକାରୀ ଅର୍ଥ ରାସ୍ତା ଓ ନିର୍ମାଣ କ୍ଷେତ୍ରରେ କେବଳ ବିନିଯୋଗ ହୋଇ ଆସୁଛି। କିନ୍ତୁ ପ୍ରଗତି ନାହିଁ। କୃଷି କ୍ଷେତ୍ରରେ ଜଳସେଚନ ଅଭାବରୁ ଖରାଦିନିଆ ଫସଲ, ରବିଫସଲ, ତୈଳବୀଜ ଫସଲ, ଡାଲିଜାତୀୟ ଫସଲ ଆଦି ଲୋପ ପାଇଲାଣି। ବିଶେଷକରି ୭ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ମେଗା ଜଳଯୋଗାଣ ପ୍ରକଳ୍ପ ଅଧାରେ ଅଟକି ରହିଥିବାରୁ ଖରା ଦିନରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀବାସୀ ପିଇବା ପାଣି ପାଇଁ ଡହଳବିକଳ ହେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ରେ ସ୍ୱାସ୍ଥ୍ୟସେବା ସୀମିତ ରହିଛି।ଶିକ୍ଷା କ୍ଷେତ୍ରରେ ବିପୁଳ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲେ ହେଁ କୌଣସି ତଦନ୍ତ ହେଲାନାହିଁ। ଯେଉଁ ନିର୍ବାଚନମଣ୍ଡଳୀର ଐତିହ୍ୟ ବହୁ ସମୃଦ୍ଧ ସେଠାରେ କୌଣସି ଆଖିଦୃଶିଆ କାର୍ଯ୍ୟ ବା ଯୋଜନା ନାହିଁ। ଏହିମର୍ମରେ ଅଞ୍ଚଳବାସୀଙ୍କ ପକ୍ଷରୁ କଣ୍ଟିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଯାଜପୁର ଜିଲାରେ ଚାଲିଥିବା ୮ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପରୁ ଆବଶ୍ୟକ ସ୍ୱଚ୍ଛ ପାନୀୟ ଜଳ ନ ପାଇ ସଂପୃକ୍ତ ଅଞ୍ଚଳବାସୀ ନିରାଶ ହୋଇଛନ୍ତି। ପ୍ରକଳ୍ପ ନିର୍ମାଣରେ ନିୟୋଜିତ ଅଣଓଡ଼ିଆ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁ ଜିଲାର ଗୋଟିଏ ବି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଲୋକଙ୍କ କାମରେ ଲାଗି ପାରିନାହିଁ। ୧୮୧.୬୮କୋଟି ଟଙ୍କାର ଦଶରଥପୁର ପ୍ରକଳ୍ପରେ ଇନଟେକ ୱେଲରେ ପାଣି ମହଜୁଦ ରହିଥିବାବେଳେ ପାଇପ ବିଛା କାର୍ଯ୍ୟ ସରିନାହିଁ। ସଂପୃକ୍ତ ଠିକାସଂସ୍ଥା ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ ସହିତ ହୋଇଥିବା ଚୁକ୍ତି ଅନୁଯାୟୀ ଏହି ବ୍ଲକର ୩୫ ପଞ୍ଚାୟତବାସୀ ଏହି ପ୍ରକଳ୍ପରୁ ପିଇବା ପାଣି ପାଇବେ। ଏଥିରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୫ ପଞ୍ଚାୟତ ରହିଛି। ୩୦।୧୨।୨୦୨୧ ସୁଦ୍ଧା ଏହି ପ୍ରକଳ୍ପଗୁଡିକୁ ସାରିବାକୁ ଚୁକ୍ତି ହୋଇଥିଲା। ହେଲେ ଆଜକୁ ୪ ବର୍ଷରୁ ଊର୍ଦ୍ଧ୍ୱ କାଳ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିନାହିଁ। ଚଳିତ ଖରାଦିନ ପୂର୍ବରୁ ପାଣି ଯୋଗାଣ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ଆଜି ପର୍ଯ୍ୟନ୍ତ ଜଳଯୋଗାଣ ଉପରେ ପରୀକ୍ଷା ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ।

ସେହିପରି ବିଞ୍ଝାରପୁର ପ୍ରକଳ୍ପ ଏବେ ବି ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏହି ପ୍ରକଳ୍ପରେ ୨୯ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ଅଞ୍ଚଳବାସୀ ସ୍ୱଚ୍ଛ ପାଣି ପାଇଁ ଚାହିଁ ରହିଛନ୍ତି। ଶିକ୍ଷା କ୍ଷେତ୍ରରେ ଖେଳ ପଡ଼ିଆ ଉନ୍ନତୀକରଣ, ୫ଟି ନବୀକରଣ, ବିଜ୍ଞାନାଗାର, ଲାଇବ୍ରେରୀ, ସୃଜନ ଆଦି କ୍ଷେତ୍ର ପାଇଁ ଆସିଥିବା ଅନୁଦାନର ଠିକ ଭାବେ ଖର୍ଚ୍ଚ ହୋଇନାହିଁ ବୋଲି ଅଭିଯୋଗ ହୋଇଛି। ଏହି ଜିଲାରେ ସାଂସ୍କୃତିକ କ୍ଷେତ୍ରରେ ପ୍ରସିଦ୍ଧି ଆଣିଥିବା ବରୁଣେଶ୍ୱର କ୍ଷେତ୍ର ଓ ଅରିଲୋ ଶାମେଶ୍ୱର କ୍ଷେତ୍ର ଏଯାବତ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇଲାନାହିଁ। ବିଞ୍ଝାରପୁର ଏନ୍‌ଏସି ସମ୍ଭବ ହୋଇ ପାରିଲାନାହିଁ। ଦୀର୍ଘ ୨୦ ବର୍ଷ ଧରି ଦାବି ହୋଇ ଆସୁଥିବା ଶୀତଳଭଣ୍ଡାର ନିର୍ମାଣ ପାଇଁ ପ୍ରତିଶ୍ରୁତି ଫସର ଫାଟିଛି।

ଗତ ସରକାରଙ୍କ ସମୟରେ ବହୁ ଜନହିତକର ଯୋଜନା ଏହି ନିର୍ବାଚନମଣ୍ଡଳୀରେ ପହଞ୍ଚି ପାରି ନ ଥିବା ବଡ ଦୁଃଖର ବିଷୟ ବୋଲି ଜନସାଧାରଣ ପଶ୍ଚାତାପ କରୁଛନ୍ତି। ସେଗୁଡିକ ମଧ୍ୟରୁ ଚାରାବଗିଚା, ମତ୍ସ୍ୟ ସମ୍ପଦ ବୃଦ୍ଧି, ଜଳାଶୟ ନିର୍ମାଣ, ପୋଖରୀ ପୁନରୁଦ୍ଧାର, ନାଳ ଖନନ, ନୟନଯୋରୀର ସୁରକ୍ଷା, ଗୋପାଳନ, କୁଟୀର ଶିଳ୍ପ ଇତ୍ୟାଦି ବହୁ ଲୋକହିତକର ଯୋଜନା ଅପହଞ୍ଚ ହୋଇ ରହିଗଲା। ନଦୀ ସଂଯୋଗୀକରଣ ଓ ନଦୀର ତଳମୁଣ୍ଡରେ ଚେକଡ୍ୟାମ ନିର୍ମାଣ ପାଇଁ କେନ୍ଦ୍ରୀୟ ଯୋଜନା ଏହି ନିର୍ବାଚନମଣ୍ଡଳୀକୁ ପହଞ୍ଚି ପାରିନାହିଁ। ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀର ଶେଷ ମୁଣ୍ଡରେ ଚେକଡ୍ୟାମ ନିର୍ମାଣ ପାଇଁ ବରୀ ଓ ବିଞ୍ଝାରପୁରବାସୀଙ୍କ ପକ୍ଷରୁ ବହୁ ଦାବି ଏବଂ ଆନ୍ଦୋଳନ ପରେ ବି ସଫଳତା ମିଳିଲା ନାହିଁ। କୃଷିର ଉନ୍ନତି ପାଇଁ ସରକାର ଡିଣ୍ଡିମ ପିଟୁଥିବାବେଳେ ବିଞ୍ଝାରପୁର ଭାଗ୍ୟ ପଥର ତଳେ ଚାପି ରହିଯାଇଛି।

ଏହି ନିର୍ବାଚନମଣ୍ଡଳୀକୁ ସଂରକ୍ଷଣ ମୁକ୍ତ କରାଯିବା ପାଇଁ ୨୦୧୭ରୁ କେନ୍ଦ୍ର ସରକାରଙ୍କୁ ଦାବି କରାଯାଇ ଆସୁଥିଲେ ହେଁ ସେଥିପାଇଁ କାହାରି ଦୃଷ୍ଟି ପଡୁନାହିଁ। ଜଳସେଚନ ଅଭାବରୁ ଚାଷ କାର୍ଯ୍ୟ ଛାଡି ବହୁ ଯୁବକ ଏବେ ଦାଦନ ଶ୍ରମିକ ପାଲଟିଛନ୍ତି। ତେଣୁ ଏହିସବୁ ସମସ୍ୟାର ସମାଧାନ ନ କଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ସରପଞ୍ଚ ନାୟକ ସୂଚନା ଦେଇଛନ୍ତି।

## ସୁକିନ୍ଦା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ


ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**କାଳିଆପାଣି,୨୨।୪(ଅସିତ ମହାନ୍ତ):**

ସୁକିନ୍ଦା ପ୍ରେସ୍‌କ୍ଲବ୍‌ର ୨୬ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଓଡ଼ିଶା ଖଣି ନିଗମ କାଳିଆପାଣିସ୍ଥିତ କମ୍ୟୁନିଟି ସେଣ୍ଟର୍‌ଠାରେ ଆୟୋଜିତ ଏହି ଉତ୍ସବରେ କ୍ଲବ୍ ସଭାପତି ବିଶ୍ୱଜିତ ନାୟକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ନୀଳମାଧବ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥିଭାବେ ଟାଟାଷ୍ଟିଲ(ଏଫ୍‌ଏଏମ୍‌ଡି) ଇଆଇସି ସୁଶାନ୍ତ କୁମାର ମିଶ୍ର ଯୋଗଦେଇ କହିଥିଲେ, ସମାଜ ବିକାଶ କ୍ଷେତ୍ରରେ ବାଧକ ସାଜିଥିବା ଖବରକୁ ଲୋକ ଲୋଚନକୁ ଆଣିବାକୁ ସାମ୍ବାଦିକତା କୁହାଯାଏ। ଏଥିସହିତ ଖବରଦାତା ସମାଜର ଦର୍ପଣ ସଦୃଶ୍ୟ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ବକ୍ତାଭାବେ ଯୋଗଦେଇ କହିଥିଲେ, ଖବରଦାତା ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରି ସମାଜ ମଙ୍ଗଳ କାର୍ଯ୍ୟ କରୁଥିବାବେଳେ ପ୍ରତିଦିନ ରୋଶର ଶିକାର ହେଉଛନ୍ତି। ମାତ୍ର ଖବରଦାତାଙ୍କ ସମସ୍ୟା ସମାଧାନ କରିବାକୁ ସରକାର ଆନ୍ତରିକତା ଦେଖାଉନାହାନ୍ତି। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଭାଜପା ନେତା ତଥା ମନ୍ତ୍ରୀଙ୍କ ପ୍ରତିନିଧି ଅମଳେନ୍ଦୁ ବେହୁରା ଯୋଗଦେଇ ସମାଜର ଉନ୍ନତୀମୂଳକ କାର୍ଯ୍ୟରେ ସୁକିନ୍ଦା ପ୍ରେସକ୍ଲବ୍‌ର ସହଭାଗିତା ପ୍ରଶଂସା ଯୋଗ୍ୟ ବୋଲି କହିଥିଲେ। କାଳିଆପାଣି ଥାନା ଅଧିକାରୀ ପ୍ରକାଶ ପ୍ରଧାନ ଯୋଗଦେଇ ସୁକିନ୍ଦା ପ୍ରେସ କ୍ଲବର ସହଯୋଗ ପ୍ରସଂଶନୀୟ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସୁସାହିତ୍ୟିକଭାବେ ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମହାଗିରି ପ୍ରେସ କ୍ଲବ୍ ଟମକା, ଭୁବନ ପ୍ରେସ କ୍ଲବ୍, ଚଣ୍ଡିଖୋଲ ପ୍ରେସ୍ କ୍ଲବ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା କର୍ପୋରେଟ ପ୍ରତିନିଧି ଟାଟାଷ୍ଟିଲ, ଓଡ଼ିଶା ଖଣି ନିଗମ, ବେଦାନ୍ତ ଫେକର, ଜିନ୍ଦଲ , ବାଲେଶ୍ୱର ଆଲଏଜ, ଡେକୋ, ଓଡ଼ିଶା ମୋଟର, ମାହେଶ୍ୱରୀ, ହ୍ୱାଇଟ ହର୍ସ ଓ ଜିସି ମହାନ୍ତଙ୍କ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ସତ୍ୟଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁକିନ୍ଦା ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ଉପସଭାପତି ବିମଳେନ୍ଦୁ ବେହୁରା, ସମ୍ପାଦକ ସରୋଜ ନାୟକ, କୋଷାଧ୍ୟକ୍ଷ ନିହାର ପାତ୍ର, ସହସମ୍ପାଦକ ଅସିତ କୁମାର ମହାନ୍ତ, କପିଳ ମହାନ୍ତ, ସଭ୍ୟ ବିଶ୍ୱନାଥ ସାହୁ, ଲମ୍ବୋଦର ଦଳବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମନୋଜ ନାୟକ ଧନ୍ୟବାଦ ଦେଇଥିଲେ।

## ମା’ ତାରିଣୀଙ୍କ ଯଜ୍ଞ ଉତ୍ସବ

**ରସୁଲପୁର,୨୨।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମରେ ମା’ତାରିଣୀଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗାଁରେ ରାତ୍ରି ସମୟରେ ପାକଶାଳା ବନ୍ଦ ରହିଥିଲା। ନଦୀରୁ ଜଳପୂର୍ଣ୍ଣ କଳସକୁ ବିରାଟ ପଟୁଆରରେ ଅଣାଯାଇ ମା’ଙ୍କ ପୀଠରେ ପହଞ୍ଚାଯାଇଥିଲା। କର୍ତ୍ତା କରୁଣାକର ସାମଲ ଓ କମଳା ସାମଲଙ୍କ ସମେତ ଅନ୍ୟମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପଣ୍ଡିତ ନବଘନ ପଣ୍ଡାଙ୍କ ନେତୃତ୍ୱରେ ୫ ଜଣ ବ୍ରାହ୍ମଣ ପୂଜାର୍ଚ୍ଚନା କରିବାପରେ ଯଜ୍ଞମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ମା’ଙ୍କ ଷୋଡ଼ଶ ଉପଚାର ପୂଜା ସହ ମା’ଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମେଲୋଡି ଓ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ବେଢ଼ା ପରିକ୍ରମା ପାଇଁ କମିଟି ପକ୍ଷରୁ ବନ୍ଦୋବସ୍ତ କରାଯାଇଥିଲା। କମିଟିର ମୁଖ୍ୟ ବାଉରୀବନ୍ଧୁ ନାୟକ, ନାରାୟଣ ନାୟକ, ଟୁଲୁ ଦାସ, ଘନଶ୍ୟାମ ସାମଲ, ବୀର ମଲିକ, ବାବୁଲି ମଲିକ, ଚୈତନ୍ୟ ମଲିକ, ସୋମନାଥ ଦାସ, ପ୍ରଶାନ୍ତ ସାହୁ, ବିଶ୍ୱଜିତ ସାମଲ, ଦେବାଶିଷ ନାୟକ, ଭଗବାନ ନାୟକ ଓ ଲକ୍ଷ୍ମୀଧର ଦାସ ପ୍ରମୁଖ ଯଜ୍ଞ ଉତ୍ସବକୁ ପରିଚାଳନା କରିଥିଲେ। ଯଜ୍ଞ କାର୍ଯ୍ୟରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଜିତ୍


@ ପୂଜା


@ କାର୍ତ୍ତିକ


@ ଖୁସି


@ ରଶ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୁର୍ଘଟଣାରେ ଟିପ୍ପର ଡ୍ରାଇଭରଙ୍କ ମୃତ୍ୟୁ

**ଧର୍ମଶାଳା,୨୨।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜେନାପୁର ଥାନା ୫୩ନଂ. ଜାତୀୟ ରାଜପଥର ରାମଚନ୍ଦ୍ରପୁର ତାରିଣୀ ଛକ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ଟ୍ରିପ୍ପର ପଛରୁ ଧକ୍କା ଦେଇଛି। ଫଳରେ ଏହି ଦୁର୍ଘଟଣାରେ ଟ୍ରିପ୍ପର ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭର ହେଲେ ପୁରୀ ଜିଲା କଣାସ ଥାନା ଗଡ଼ ବଳଭଦ୍ରପୁର ଗ୍ରାମର ସୁବ୍ରତ ଜୟସିଂ(୪୨)। ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଜେନାପୁର ପୋଲିସ ନଂ.୧୦୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ନିରୁପମା ଜେନା ଓ ଏଏସ୍‌ଆଇ ପ୍ରଦୀପ ବେହେରା ସୂଚନା ଦେଇଛନ୍ତି।

## ଗାଡ଼ି ଧକ୍କାରେ ଶିକ୍ଷକ ଗୁରୁତର

**ଛତିଆ,୨୨।୪ (ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଥାନା ଛତିଆ ଉପର ବଜାର ଶନି ମନ୍ଦିର ନିକଟରେ ବୁଧବାର ଭୋର ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଶିକ୍ଷକ ଗୁରୁତର ହୋଇଛନ୍ତି। ସେ ହେଲେ ମାହାଙ୍ଗା ମେରିପୁର ଗ୍ରାମର ରଞ୍ଜନ କୁମାର ରାଉତ। ରଞ୍ଜନ ଢେଙ୍କାନାଳ ଜିଲାରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ଘରୁ ବାଇକ ଯୋଗେ ସ୍କୁଲ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଦ୍ରୁତ ଗତିରେ ପଳାଇ ଯାଇଥିଲା। ଶିକ୍ଷକ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ପଠାଇବା ସହ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଛତିଆ ବିଟ ହାଉସ ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଅତିରିକ୍ତ ଏସ୍‌ପିଙ୍କୁ ଭେଟିଲେ ତଥ୍ୟ ଅନୁସନ୍ଧାନକାରୀ ଦଳ

### ବ୍ୟାସନଗର ତହସିଲଦାରଙ୍କୁ ଆକ୍ରମଣ ଘଟଣା

**ପାଣିକୋଇଲି,୨୨।୪(ବିକାଶ ଚନ୍ଦ୍ର ମଲ୍ଲିକ):**

ବ୍ୟାସନଗର ତହସିଲଦାରଙ୍କୁ ଆକ୍ରମଣ ଘଟଣା ଓ କୋରେଇ ଅଞ୍ଚଳରୁ ବ୍ୟାପକ ବାଲିଚାଲାଣ ସହ ପ୍ରାକୃତିକ ସମ୍ପଦର କ୍ଷୟକ୍ଷତି ଅନୁଧ୍ୟାନ ସକାଶେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ବୁଧବାର ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚିଛନ୍ତି। ସେମାନେ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଆଲୋଚନା କରିବାପରେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। କୋରେଇ ବ୍ଲକ୍‌ର ମକୁନ୍ଦପୁର ଓ ରଣପୁର ପଞ୍ଚାୟତ ସଂଲଗ୍ନ ବୈତରଣୀ ନଦୀରୁ ଦୈନିକ ଶହଶହ ହାଇୱା ବାଲି ଚୋରାଚାଲାଣ କରୁଛନ୍ତି। ଫଳରେ ବ୍ୟାପକ ଧନହାନୀ ସହ ଅକାଳରେ ବହୁ ଜୀବନହାନୀହେଉଛି। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳର ରାସ୍ତାଘାଟ କ୍ଷୟକ୍ଷତି ହେବାସହ ପରିବେଶ ପ୍ରଦୂଷିତ ହେଉଛି। ଏସବୁକେବଳ ସରକାରୀ ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କ ପ୍ରୋତ୍ସାହନ ଦ୍ୱାରା ସମ୍ଭବ ହେଉଛି ବୋଲି ଅନୁସନ୍ଧାନକାରୀ ଦଳର କର୍ମକର୍ତ୍ତା ହ୍ୟୁମାନ ରାଇଟ୍ସ ଫ୍ରଂଟ ଇଣ୍ଡିଆର ଅଧ୍ୟକ୍ଷ ମନୋଜ ଜେନା କହିଛନ୍ତି। ଯାହା ଏବେ ତଦନ୍ତ ସକ୍ଷେପ ହୋଇଛି। ଏନେଇ ସେ ଜାତୀୟ ମାନବଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡିବେ ବେଲି ସୂଚନା ସେଇଛନ୍ତି।


ଅନୁସନ୍ଧାନକାରୀ ଦଳ ଅତିରିକ୍ତ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଅବାହକ ସୁଦର୍ଶଦ ଦାସ କହିଛନ୍ତି, କେତେଜଣ ଅସାଧୁ ସରକାରୀ ଅଧିକାରୀ, ରାଜନେତା ଓ ବାଲି ମାଫିଆଙ୍କ ଅସାଧୁ ମେଣ୍ଟ ନଦୀ ଓ ଜନଜୀବନର ସୁରକ୍ଷା ପ୍ରତି ଭୟଙ୍କର ବିପଦ ସୃଷ୍ଟି କରୁଛି। ଯାହା ଆଗାମୀ ଦିନରେ ଅତ୍ୟନ୍ତ ଭୟାଭହ ହେବ। ଏହା ବିରୋଧରେ ଦଳଗତ ନିର୍ବିଶେଷରେ ଜୋରଦାର ଜନଆନ୍ଦୋଳନ ହେବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ସେହିପରି ଆମ ଜନତା ଅଧିକାରର ଆବାହକ ବାସୁଦେବ ଭଞ୍ଜ କହିଛନ୍ତି, ପୂର୍ବ ସରକାର ଓ ଏବେର ସରକାର ବାଲିମାଫିଆଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନେଇ ପାରିନାହାନ୍ତି। ଫଳରେ ସାଧାରଣ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଦଳରେ କୋରେଇ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀଧର ଦାସ, ସମ୍ପାଦକ ଆଲୋକ ଦାଶ, ଉପଦେଷ୍ଟା ସତ୍ୟରଞ୍ଜନ ସ୍ୱାଇଁ, ସଦସ୍ୟ ଗୋକୁଳାନନ୍ଦ ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚର ସଭାପତି ନୃସିଂହ ଚରଣ ଦଳାଇ, ମାନବଧିକାର କର୍ମୀ ନିରୁପମା ମଲ୍ଲିକ, ତାରିଣୀ ପଟ୍ଟନାୟକ, ଭାଗିରଥି ଦାସ, ଆହୁଲା ଗଣେଶ ରାଓ, ଶ୍ରୀକାନ୍ତ ମହାନ୍ତି, ଆହୁଲା ଲୋକନାଥ ରାଓ, ଆହୁଲା ବିଶ୍ୱଜିତ ରାଓ, ଚନ୍ଦନ ରଣା ଓ ଗଣେଶ ପ୍ରସାଦ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ବଢୁଛି ଖରା, ପିଇବାକୁ ପାଣି ନାହିଁ

- ୧୦ ହଜାରରୁ ଊର୍ଦ୍ଧ୍ୱ ନଳକୂପରୁ ବାହାରୁଛି ଲୁଣିପାଣି
- ଟ୍ୟାପ୍ ପାଣି ସଂଯୋଗ ଏବେ ବି ସ୍ୱପ୍ନ
- ଭୂତଳ ଜଳ ରିଚାର୍ଜ ଯୋଜନାର କାର୍ଯ୍ୟକାରୀ ନାହିଁ

କେନ୍ଦ୍ରାପଡ଼ା, ୨୨।୪(ଜଗନ୍ନାଥ ଧଳ)


ଶୁଷ୍କପ୍ରାୟ ଲୁଣାନଦୀ।

କେନ୍ଦ୍ରାପଡ଼ା ଜିଲାରେ ପାରଦ ୪୦ ଡିଗ୍ରୀ ଉପରେ ଅଛି । ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଶୁଖିଲା ପଡ଼ିଛି। ଜନଜୀବନ ପାଇଁ ପାଣି ନାହିଁ। ଜିଲା ପ୍ରଶାସନର ଜନଶୁଣାଣି ଶିବିରରେ ଏପ୍ରକାର ଅଭିଯୋଗ ବଢ଼ିଚାଲିଛି। କେତେକ ସ୍ଥାନରେ ପାନୀୟ ଜଳ ପାଇଁ ଆନ୍ଦୋଳନ ହେଉଛି । ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ନଳକୂପ, ୩୩୧ ପାନୀୟଜଳ ପ୍ରକଳ୍ପ, ୧୮୧ ଓଭରହେଡ୍ ଟାଙ୍କି ଜିଲାବାସୀଙ୍କ ପାନୀୟଜଳ ପାଇଁ ରହିଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। ରାଜ୍ୟର ଏକମାତ୍ର ଜଳସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ପାଉନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ପାଣି ଯୋଜନା ଏହି ଜିଲାରେ ଏବେ ବି ସ୍ୱପ୍ନ ହୋଇ ରହିଥିବା ମତ ମିଳିଛି । ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ପାଢ଼ୀ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ମନୋଜ କୁମାର ସିଂ ପ୍ରମୁଖ କହିଛନ୍ତି, ୭ ନଦୀ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜିଲାରେ ପାନୀୟ ଜଳସଙ୍କଟ ଏକ ମୁଖ୍ୟ ସମସ୍ୟା। ସମୁଦ୍ର ତଟବର୍ତ୍ତୀ ଜିଲା ହୋଇଥିବାରୁ ଭୂତଳଜଳ ଲୁଣା ହୋଇଯାଇଛି। ଟାଙ୍କିଗୁଡ଼ିକ ପ୍ରାୟ ଶୁଖିଲା ରହୁଛି । ଉପାନ୍ତ ଅଞ୍ଚଳରେ ଗୋଟିଏ ନଳକୂପ ଖୋଲିଲେ ଅନ୍ୟୂନ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ସେଥିରୁ ମଧ୍ୟ ଲୁଣିପାଣି ବାହାରୁଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀରୁ ଶିଳ୍ପ ଜଳ ଶୋଷୁଛି । ଫଳରେ ଜଳଧାରା ହ୍ରାସ ହୋଇଛି । ଏହାଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି । ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ । ଏଠାରେ ଭୂତଳ ଜଳ ରିଚାର୍ଜ ହୋଇପାରୁ ନ ଥିବାରୁ ପାନୀୟଜଳ ସ୍ଥିତି ମହାକାଳପଡ଼ା ବ୍ଲକ ପରି ଅଭାବ ଦେଖାଦେଇଛି । ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡା ଜିଲାକୁ ଜଳଶକ୍ତି ଅଭିଯାନରେ ସାମିଲ କରାଯାଇଛି । ଏହି ଜଳଶକ୍ତି ସଂରକ୍ଷଣ ଅଭିଯାନରେ ପ୍ରତି ନଳକୂପରେ ସର୍କ ପାଇପ୍ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି । ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି । ଭୂତଳ ଜଳ ରିଚାର୍ଜ ହୋଇପାରୁନାହିଁ। ଅପରପକ୍ଷରେ ୨୦୨୬ ମାର୍ଚ୍ଚ ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ । ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ୍ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଜଳପ୍ରକଳ୍ପ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ । ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦିହୋଇଥିଲା। ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ସେମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକ କହିଛନ୍ତି, ନିକଟରେ ପାନୀୟଜଳ ଯୋଗାଣ ସମ୍ପର୍କରେ ବୈଠକ ହୋଇଥିଲା। ଗ୍ରାମାଞ୍ଚଳରେ ପାଇପ୍ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି । ଖୁବ୍‌ଶୀଘ୍ର ସମସ୍ତଙ୍କ ଘରେ ପାନୀୟଜଳ ପାଇପ୍ ଯୋଗେ ପହଞ୍ଚିବ ବୋଲି ସେ ମତ ଦେଇଛନ୍ତି।

## ତିର୍ତ୍ତୋଲର ସ୍ୱାଭିମାନକୁ କଳଙ୍କିତ କରିଛନ୍ତି ବିଧାୟକ

ତିର୍ତ୍ତୋଲ,୨୨।୪(ଗୌରାଙ୍ଗ ଚରଣ ସାଇଁ)

### ତିର୍ତ୍ତୋଲ ସ୍ୱାଭିମାନ ମଞ୍ଚର ବନ୍ଧୁ ମିଳନ

**ସଂଗଠିତ ହୋଇ ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ ପାଇଁ ଆହ୍ୱାନ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର୍‌ଠାରେ ଆୟୋଜିତ ତିର୍ତ୍ତୋଲ ସ୍ୱାଭିମାନ ମଞ୍ଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲର ବିଜେଡି ନେତାମାନେ ସଂଗଠିତ ହୋଇ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଜିତାଇବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଏଥିସହିତ ବିଜେଡି ନେତାମାନେ ବିଧାୟକ ରମାକାନ୍ତ ଭୋଇ ଦଳୀୟ ହୁଇପକୁ ଅମାନ୍ୟ କରି କ୍ରସ ଭୋଟିଂ କରିଥିବାରୁ ସେ ତିର୍ତ୍ତୋଲର ସ୍ୱାଭିମାନ ମାଟିକୁ କଳଙ୍କିତ କରିଛନ୍ତି । ତାହାର ଜବାବ ପଞ୍ଚାୟତ ନିର୍ବାଚନରେ ଦିଆଯିବ ବୋଲି କହିଥିଲେ। ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ରାଜ୍ୟ ସରକାର ଯାହା ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ତାହା ପୂରଣ କରି ପାରି ନାହାନ୍ତି। ଆଗାମୀ ୨୦୨୯ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସଭା ସାଂସଦ ତଥା ତିର୍ତ୍ତୋଲ ଓ କଟକ ବାରବାଟିର ପୂର୍ବତନ ବିଧାୟକ ତଥା ଏମ୍‌ପି ଦେବାଶିଷ ସାମନ୍ତରାୟ ଯୋଗଦେଇ ଆମେ ସମସ୍ତେ ତିର୍ତ୍ତୋଲରେ ମିଳିତ ନେତୃତ୍ୱ ଦେବୁ। ଦଳୀୟ ସାଙ୍ଗଠନକୁ ମଜବୁତ କରି ଆସନ୍ତା ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ କରାଇବୁ ବୋଲି କହିଥିଲେ। ତିର୍ତ୍ତୋଲ ଓ ଜଗତସିଂହପୁରର ପୂର୍ବତନ ବିଧାୟକ ଚୀରଞ୍ଜିବ ବିଶ୍ୱାଳ ଓ ପୂର୍ବତନ ଏମ୍‌ପି ତଥା ତିର୍ତ୍ତୋଲର ପୂର୍ବତନ ବିଧାୟିକା ଡ଼ ରାଜଶ୍ରୀ ମଲ୍ଲିକ ଏକାଠି ହୋଇ କାର୍ଯ୍ୟକରି ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସଂଧ୍ୟାରାଣୀ ମହାନ୍ତି, ଜିଲା ପରିଷଦ ସଭ୍ୟ ସୁନିଲ ବେହେରା, ରବି ନାରାୟଣ ସାହୁ, ରଞ୍ଜିତା ସିଂ, ଜିଲା ବିଜେଡି ମହିଳା ସଭାନେତ୍ରୀ ଲୋରା ମହାପାତ୍ର, ଜିଲା ବିଜେଡି ଉପସଭାପତି ଅଶିନୀ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ ବେହେରା ସଭା ପରିଚାଳନା କରିଥିବାବେଳେ ବିଜେଡି ରାଜ୍ୟ ମୁଖପାତ୍ର ନାରାୟଣ ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ ।



ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି କର୍ମକର୍ତ୍ତା ।

## ୩ କଂଗ୍ରେସ ନେତାଙ୍କ ନିଲମ୍ବନକୁ ନେଇ ଅସନ୍ତୋଷ

- ଅଲାଣ୍ଡୋ ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ
- ଦଳ କହିଲା ଭାଜପା ସହ ସମ୍ପର୍କରେ ଥିଲେ


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତା।

ଜଗତ୍‌ସିଂହପୁର, ୨୨।୪ (ପ୍ରମୋଦ କୁମାର ନାୟକ)

ବିରିଡି ବ୍ଲକ ଅଞ୍ଚଳର କଂଗ୍ରେସ ନେତା ଭାଗ୍ୟଧର ଜେନା, ସମୀର ଖୁଣ୍ଟିଆ ଓ ଶ୍ରୀକାନ୍ତ ପଣ୍ଡାଙ୍କୁ ଦଳରୁ ନିଲମ୍ବନ କରାଯିବା ପ୍ରସଙ୍ଗକୁ ନେଇ ଦଳରେ ଅସନ୍ତୋଷ ଦେଖାଦେଇଛି । ଏହି ୩ ନେତା ବିରିଡ଼ି ବ୍ଲକରେ ଦଳକୁ ସୁଦୃଢ କରିବାରେ ସହଯୋଗ କରିଥିବାବେଳେ ଦଳ ସେମାନଙ୍କ ପ୍ରତି ଅନ୍ୟାୟ କରିବା ଗ୍ରହଣୀୟ ନୁହେଁ ବୋଲି ଯୁକ୍ତି କରାଯାଇଛି । ଏନେଇ ଅଲାଣ୍ଡୋ ପଞ୍ଚାୟତର ଯୁବ ସଂଗଠକ ତାପସ ବୋଷଙ୍କ ଆହ୍ୱାନକ୍ରମେ ଅଲାଣ୍ଡୋ ଜାଗୁଲାଇ ପୀଠ ପରିସରରେ ଅନୁଷ୍ଠିତ ବୈଠକରେ ଏହା କୁହାଯାଇଛି । ବରିଷ୍ଠ କର୍ମୀ କୃଷ୍ଣଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅଲାଣ୍ଡୋ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏଥିରେ ଏହି ୩ ନେତାଙ୍କୁ ନିଲମ୍ବନ ସଂକ୍ରାନ୍ତରେ ଦଳ ବ୍ଲକ ସଭାପତିଙ୍କ ଚିଠିକୁ ନେଇ ନିନ୍ଦା କରାଯାଇଥିଲା। ଦଳର ଏଭଳି ଆଭିମୁଖ୍ୟ ଆଗକୁ ମାହାଙ୍ଗା ପଡିବ ବୋଲି ଉପସ୍ଥିତ କର୍ମୀମାନେ ଚେତାବନୀ ଦେଇଥିଲେ । ପରେ ବରିଷ୍ଠ କଂଗ୍ରେସ କର୍ମୀ ରଜନୀ ବେହେରା ପଞ୍ଚାୟତ ସାଙ୍ଗଠନିକ କାର୍ଯ୍ୟକୁ ଭିନ୍ନମୋଡ ଦେବା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଲାଣ୍ଡୋ ପଞ୍ଚାୟତର କାଳନ୍ଦୀ ଜେନା, ପ୍ରଭାତ ରାଉତ, ସମ୍ପଦ ଜେନା, ବଟକୃଷ୍ଣ ଜେନା ଓ କାଳନ୍ଦୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏ ସମ୍ପର୍କରେ ଦଳ ଜିଲା ସଭାପତି ଦେବ ପ୍ରସାଦ ନାୟକଙ୍କ ସହ ଯୋଗାଯୋଗ କରିବାରୁ ନିଲମ୍ବିତ ନେତାମାନେ ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ଲକ ସଭାପତି ସ୍ପଷ୍ଟ କରିଛନ୍ତି। ନିକଟ ଅତୀତରେ ଦଳ ବ୍ଲକ ସଭାପତି, ଗତ ନିର୍ବାଚନ ସମୟରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଦଳୀୟ ପ୍ରାର୍ଥୀ କିମ୍ବା ତାଙ୍କୁ ନ ଜଣାଇ ଭାଗ୍ୟଧର ବୈଠକ କରିଥିଲେ । ଯେଉଁଥିରେ ଦଳ ଜିଲା ସଭାପତିଙ୍କ ବିରୋଧରେ କେତେଜଣ ବିଷୋଦଗାର କରିଥିଲେ । କ୍ରମାଗତ ଭାବେ ଦଳୀୟ ନେତୃତ୍ୱଙ୍କୁ ବାଦ ଦେଇ ସମାନ୍ତରାଳ ଭାବେ ଉପରୋକ୍ତ ନେତାମାନେ ଭାଜପା ପ୍ରାୟୋଜନରେ ବୈଠକ କରି ବିଶୃଙ୍ଖଳା ସୃଷ୍ଟି କରି ଚାଲିଥିବାରୁ ଦଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହୋଇଥିବା ନାୟକ କହିଛନ୍ତି ।

## ଥାନାରୁ ଅଭିଯୁକ୍ତଙ୍କୁ ଜାମିନ ଦେଇ ଅଡୁଆରେ ପୋଲିସ

କେନ୍ଦ୍ରାପଡ଼ା, ୨୨।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପୋଲିସ ଜଣେ ମହିଳା ଅଭିଯୁକ୍ତଙ୍କୁ ଥାନାରେ ଜାମିନ ପ୍ରଦାନକରି ଅଡୁଆରେ ପଡ଼ିଛି। ଏନେଇ ସ୍ପଷ୍ଟୀକରଣ ରଖିବାକୁ ହାଇକୋର୍ଟ ଜଜ୍ ସାବିତ୍ରୀ ରଥୋ ପ୍ରତିପକ୍ଷ ଓକିଲଙ୍କୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏ ସମ୍ପର୍କରେ ମଙ୍ଗଳବାର ଶୁଣାଣି ହୋଇଥିବା ମାମଲାର ଅଭିଯୋଗକାରିଣୀ ଶ୍ରେୟାଶ୍ରୀ ସାମନ୍ତରାୟଙ୍କ ଓକିଲ ଅକ୍ଷୟ କୁମାର ସୁବୁଦ୍ଧି ସୂଚନା ଦେଇଛନ୍ତି, ଏହା ଏକ ପାରିବାରିକ ନିର୍ଯାତନା ମାମଲା । କେନ୍ଦ୍ରାପଡ଼ା ସହର ଟାଉନ ଥାନା ଅଞ୍ଚଳର ସିଦ୍ଧାର୍ଥ ଚୌଧୁରୀଙ୍କୁ ଶ୍ରେୟାଶ୍ରୀ ବିବାହ କରିଥିଲେ। ତେବେ ଶ୍ରେୟାଶ୍ରୀଙ୍କ ପ୍ରତି ପରିବାର ସଦସ୍ୟଙ୍କ ନିର୍ଯାତନା ହୋଇଥିଲା। ଏପରିକି ତାଙ୍କ ଗର୍ଭ ନଷ୍ଟ ହୋଇଥିଲା । ଏନେଇ ସେ ଥାନାରେ ସ୍ୱାମୀ ସିଦ୍ଧାର୍ଥ ଓ ଶାଶୁ ବନ୍ଦନାଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ ସହ ସ୍ୱାମୀ ସିଦ୍ଧାର୍ଥଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଥାନାରେ ଶାଶୁ ବନ୍ଦନାଙ୍କୁ ପୋଲିସ ଜାମିନ ଦେଇଥିଲା । ଉଭୟଙ୍କ ନାମରେ ଭାରତ ନ୍ୟାୟ ସଂହିତା ଅନ୍ତର୍ଗତ ୮୯ ଧାରାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଥାନାରେ ବନ୍ଦନାଙ୍କୁ ଜାମିନ ଦିଆଯାଇଛି । ଆଇନ ଅନୁଯାୟୀ, ଏହି ଧାରାରେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଅଛି । ମାତ୍ର କେଉଁ ପରିସ୍ଥିତିରେ ଏହି ଧାରାର ଦଣ୍ଡ ୭ ବର୍ଷରୁ କମ୍ କରାଯାଇ ଥାନାରେ ଜାମିନ ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ ହୋଇଥିଲା । ରାଜ୍ୟ ସରକାରଙ୍କ ଗୃହ ବିଭାଗ, ଜିଲା ଏସ୍‌ପି ଓ ଟାଉନ୍ ଥାନା ଅଧିକାରୀଙ୍କୁ ଏହି ହାଇକୋର୍ଟ ମାମଲା (ସିଆରଏଲ୍‌ଏମ୍‌ପି ନଂ.୪୭୨/୨୦୨୬)ରେ ସ୍ପଷ୍ଟୀକରଣ ଲୋଡ଼ାଯାଇଛି ବୋଲି ଓକିଲ ସୁବୁଦ୍ଧି ସୂଚନା ଦେଇଛନ୍ତି ।

## ଜଗତ୍‌ସିଂହପୁର ଜିଲାରେ ଶତାଧିକ ସଂଘ, ସଙ୍ଗଠନ କୋମାରେ

ଜଗତ୍‌ସିଂହପୁର,୨୨।୪(ପ୍ରମୋଦ କୁମାର ନାୟକ)

- ଆବଶ୍ୟକ ବେଳେ ସୃଷ୍ଟି ହୋଇ ପରେ ହଜିଯାଏ
- ନେତୃତ୍ୱ ବିବାଦ, ରାଜନୈତିକ ହସ୍ତକ୍ଷେପ ମୂଳ ସମସ୍ୟା

ଜଗତ୍‌ସିଂହପୁର ଜିଲାରେ ପ୍ରତିବର୍ଷ ଅନେକ ସଙ୍ଗଠନ, ଅଭିଯାନ, ମଞ୍ଚ, ସମିତି, ପରିଷଦ, ସଂଘ, ଟ୍ରଷ୍ଟ, ମହାସଭା, ସଭା ଓ ୟୁନିୟନ ଆଦି ସୃଷ୍ଟି ହେଉଛି। କିନ୍ତୁ ସେଗୁଡିକ ଦୀର୍ଘସ୍ଥାୟୀ ହୋଇପାରୁନାହିଁ। ଏହାର କାରଣ ଯାହାବି ଥାଉ ନା କାହିଁକି ବାସ୍ତବରେ ସେଗୁଡିକ ଲକ୍ଷ୍ୟ ପୂରଣରେ ବିଫଳ ହେଉଛି। ଯାହାକୁ ନେଇ ଅସନ୍ତୋଷ ଦେଖାଦେଉଛି।

ଅତୀତରେ ଜିଲାର ବିକାଶ ପାଇଁ ଜଗତ୍‌ସିଂହପୁର ଜିଲା ବରିଷ୍ଠ ନାଗରିକ ମଞ୍ଚ ଗଠନ ହୋଇଥିଲା। ସେତେବେଳେ ଏହା ଅନେକଙ୍କୁ ଖୁସି ଦେଇଥିଲା। ଉଦ୍ଦେଶ୍ୟ ଥିଲା ପ୍ରଶାସନ ଓ ରାଜନେତାଙ୍କ ଉପରେ ଚାପ ସୃଷ୍ଟି କରି ଅନେକ ସାମଗ୍ରୀକ ଦାବି ହାସଲ କରିବା। ପ୍ରଥମ ବୈଠକ ଓ ଏହାପରେ ମଞ୍ଚ ଗଠନକୁ ନେଇ ବ୍ୟାପକ ପ୍ରଚାର ହୋଇଥିଲା। କିନ୍ତୁ ତାହା ବାସ୍ତବ ଲକ୍ଷ୍ୟ ପୂରଣରେ ବିଫଳ ହୋଇଥିଲା। ଅର୍ଥାତ୍ ମଞ୍ଚ ପଞ୍ଜୀକରଣ ପୂର୍ବରୁ ପରିକଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡି ଯାଇଥିଲା। ଏହା ପୂର୍ବରୁ ମହାପୁରୁଷ ଆଦିଙ୍କୁ ମନେପକାଇବା ପାଇଁ ସେମାନଙ୍କ ଜନ୍ମ ଓ ମୃତ୍ୟୁ ଦିବସ ପାଳନ ଉଦ୍ଦେଶ୍ୟରେ ପୂଜ୍ୟପୂଜା ସମିତି ଗଠନ ହୋଇଥିଲା। ତାହା ମଧ୍ୟ ଅଧାରେ ଅଟକି ଯାଇଥିଲା। ଜଗତ୍‌ସିଂହପୁର ସମେତ ଜିଲାର ପାରାଦୀପ, ଏରସମା, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ନାଉଗାଁ ଓ ବାଲିକୁଦା ଆଦି ଅଞ୍ଚଳରେ ଏହିଭଳି ପାଖାପାଖି ୫ଶହ ସଂଗଠନ ଓ ସମିତି ଆଦି ଗଢି ଉଠିଛି। ସେଥିମଧ୍ୟରୁ ପାରାଦୀପର ସର୍ବାଧିକ। କିନ୍ତୁ ସମୟ ଚକ୍ରରେ ସେଥିମଧ୍ୟରୁ ଅଧିକାଂଶ ପରିଚୟ ହଜାଇ ବସିଛି।

ସୂଚନା ଅନୁଯାୟୀ ୨୦୨୩ ଭିତରେ ଜଗତ୍‌ସିଂହପୁର ଜିଲାର ପାଖାପାଖି ୨୫୨ ସମିତି ତଥା ସଂସ୍ଥା ବନ୍ଦ ହୋଇଯାଇଛି। ସେଗୁଡିକ ମଧ୍ୟରେ ପାରାଦୀପ ପୋର୍ଟ ଡକ୍ ୱାର୍କର୍ସ ଏମ୍‌ପିସିଏସ୍, ଇପ୍‌କୋ ଷ୍ଟାଫ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି, ପାରାଦୀପ କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି, ଇଷ୍ଟର୍ଣ୍ଣ ଇଣ୍ଡିଆ ଅଏଲ ରିଫାଇନାରୀ ଡିସ୍‌ପ୍ଲେସ୍‌ଡ ଫ୍ୟାମିଲିଜ୍ ୱେଲଫେୟାର କୋ-ଅପରେଟିଭ ସୋସାଇଟି, ପାରାଦୀପ ଅଏଲ ରିଫାଇନାରୀ ଲ୍ୟାଣ୍ଡ ଲୁଜର୍ ୱେଲଫେୟାର ଲେବର କଣ୍ଟ୍ରାକ୍ଟ କୋ-ଅପରେଟିଭ୍ ସୋସାଇଟି, ପାରାଦୀପ ଡିସ୍‌ପ୍ଲେସ୍‌ଡ ପର୍ସନ ୱେଲଫେୟାର କୋ-ଅପରେଟିଭ୍ ସୋସାଇଟି, ପାରାଦୀପ ଶ୍ରମିକ ସମବାୟ ସମିତି, ପାରାଦୀପ ଲେବର କୋ-ଅପରେଟିଭ୍ ସୋସାଇଟି, ପାରାଦୀପ ଅଏଲ ରିଫାଇନାରୀ ଡିସ୍‌ପ୍ଲେସ୍‌ଡ ଆଣ୍ଡ ଅନଏମ୍ପ୍ଲଏଡ୍ ଲାଣ୍ଡ ଲୁଜର୍ କୋ-ଅପରେଟିଭ୍ ସୋସାଇଟି ଇତ୍ୟାଦି। ଏଗୁଡିକ ବନ୍ଦ ହେଲା ପରେ ଗଠନ ସମୟରେ ରହିଥିବା ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ। ୨୦୨୩ ପରେ ମଧ୍ୟ ଅନୁରୂପ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଆବଶ୍ୟକ ବେଳେ ଅନେକ ସଙ୍ଗଠନ ସୃଷ୍ଟି କରାଯାଏ। ଏହି ଜରିଆରେ ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ଦାବି ଓ ସାମାଜିକ କାମ ପାଇଁ ପ୍ରତିଶ୍ରୁତି ଦିଆଯାଏ। ସରକାର, କମ୍ପାନୀ କିମ୍ବା ଅନ୍ୟ ସଂସ୍ଥା ଉପରେ ଚାପ ପକାଯାଏ। କିନ୍ତୁ ସମୟ ଚକ୍ରରେ ଏଗୁଡିକ ମଧ୍ୟରୁ ଅଧିକାଂଶ କୋମାକୁ ଚାଲିଯାଆନ୍ତି। କାହିଁକି ଏବଂ କେଉଁଥି ପାଇଁ ଏହି ଅଭିଯାନ, ମଞ୍ଚ ଓ ସଙ୍ଗଠନଗୁଡିକ ଆଗକୁ ବଢିପାରେ ନାହିଁ ତାହାକୁ ନେଇ ସାଧାରଣରେ ନାନା କଥା ଶୁଣାଯାଏ।

କୁହାଯାଏ, ଅନେକ ପ୍ରଭାବଶାଳୀ ହେଉ ଅବା ବିଭିନ୍ନ କ୍ଷେତ୍ରରେ ଆଗଧାଡିରେ ଥିବା ବ୍ୟକ୍ତି ସଙ୍ଗଠନ ନାଁରେ ପତିଆରା ଜାହିର ପାଇଁ ଉଦ୍ୟମ କରିଥାନ୍ତି। ଏପରି କି ରାଜନୈତିକ ଅଭିସନ୍ଧି ପୂରଣ ପାଇଁ ମଧ୍ୟ କେତେକ ଏସବୁ ଗଠନ ଓ ଭଙ୍ଗୁର କରିଥାନ୍ତି। ସଙ୍ଗଠନ ସୃଷ୍ଟି ସମୟରେ ଯେଉଁସବୁ ମୌଳିକ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଏ, ସମୟ ଚକ୍ରରେ ସେସବୁ ଲୁଚାଇ ଦିଆଯାଏ। କାରଣ ଏହା ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ନିହିତ ଥାଏ। ଯେତେବେଳେ ଏସବୁ କଥା ପଦାକୁ ଆସିଯାଏ ସେତେବେଳେ ସଙ୍ଗଠନ ଠପ୍ ହୋଇଯାଏ। ଆଉ ମଧ୍ୟ ଅନେକ ପାରିପାର୍ଶ୍ୱିକ ଅବସ୍ଥା, ନେତୃତ୍ୱ ସଙ୍କଟ, ପଦପଦବୀ ହାତେଇବାକୁ କସରତ ଓ ଅନ୍ୟାନ୍ୟ କାରଣରୁ ଆଗେଇ ପାରେନାହିଁ। ଏପରି କି ଏକତା ଶକ୍ତିକୁ ଭାଙ୍ଗିବା ପାଇଁ କୁଚକ୍ରୀମାନଙ୍କ ଭୂମିକା ମଧ୍ୟ କିଛି କମ ନ ଥାଏ। ସେମାନେ ନିଜର ମନ୍ଦ ଲକ୍ଷ୍ୟ ପୂରଣ ପାଇଁ ଷଡ଼ଯନ୍ତ୍ର କରି ସଫଳ ହେବା କିଛି ନୂଆ କଥା ନୁହେଁ। ଏହାସତ୍ତ୍ୱେ ମଧ୍ୟ କେତେକ ସଙ୍ଗଠନ ନାନା ବାଧାବିଘ୍ନ ସତ୍ତ୍ୱେ ମୌଳିକ ସମସ୍ୟାଗୁଡିକୁ ନିଷ୍ଠାର ସହ ପ୍ରତିପାଦିତ କରି ବଞ୍ଚି ରହିଛନ୍ତି। ଏ ସମ୍ପର୍କରେ ଡିଆର୍‌ସିସି (ଡେପୁଟୀ ରେଜିଷ୍ଟ୍ରାର ଅଫ କୋ-ଅପରେଟିଭ ସୋସାଇଟିଜ୍) ପ୍ରଭାତ କୁମାର ଶତପଥିଙ୍କ ସହ ଯୋଗାଯୋଗ କରିବାରୁ ଦେଖାଦେଇଥିବା ସମସ୍ୟାକୁ ସ୍ୱୀକାର କରିବା ସହ ଏହା ପଛରେ ଅନେକ କାରଣ ଥିବା ସ୍ପଷ୍ଟ କରିଛନ୍ତି।


@ ବିଶ୍ୱଜିତ୍


@ ପୂଜା


@ କାର୍ତ୍ତିକ


@ ଖୁସୀ


@ ରଶ୍ମିତା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ପ୍ରିୟାଂଶୁ

### ଦଉଡ଼ିରେ ପଚ୍ଛୁଆ ଓଲଟି ସାଉଁଟିଲେ ପ୍ରଶଂସା

ଡେରାବିଶ,୨୨।୪(ବେବର୍ତ୍ତା ଅଜୟ ଦାସ)

ଦଉଡ଼ିରେ ପଚ୍ଛୁଆ ଓଲଟି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରିପଡ଼ା ଗ୍ରାମର ପ୍ରକାଶ ମଲ୍ଲିକ ଓ ହରପ୍ରିୟା ମଲ୍ଲିକଙ୍କ ସୁପୁତ୍ର ପ୍ରିୟାଂଶୁ। ସେ ୨ଟି ଦଉଡ଼ି ସାହାଯ୍ୟରେ ସର୍ବାଧିକ ୧ ମିନିଟ୍‌କୁ ୧୯ଥର ପଚ୍ଛୁଆ ଓଲଟି ଏହି ପ୍ରଶଂସା ସାଉଁଟିଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ମାତ୍ର ୨ବର୍ଷ ୧୦ ମାସ ବୟସର ପ୍ରିୟାଂଶୁଙ୍କ ଏଭଳି ଜିମ୍ନାଷ୍ଟିକ ପ୍ରଦର୍ଶନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଦେଢ଼ବର୍ଷ ବୟସରୁ ପ୍ରିୟାଂଶୁ ଜିମ୍ନାଷ୍ଟିକ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ତେଣୁ ତାଙ୍କ ବାପା ପ୍ରକାଶ ଘରେ ଦୁଇଟି ରଶି ସାହାଯ୍ୟରେ ଏକ ଜିମ୍ନାଷ୍ଟିକ ଇନଷ୍ଟ୍ରୁମେଣ୍ଟ ବନାଇଥିଲେ। ଏହା ସାହାଯ୍ୟରେ ପୁଅ ପ୍ରିୟାଂଶୁ କଳାକୌଶଳ ପ୍ରଦର୍ଶନ ଆରମ୍ଭ କରିଥିଲେ। ପ୍ରତିଦିନ ଏହା କରିବା ପରେ ପ୍ରିୟାଂଶୁ ଅଭ୍ୟସ୍ତ ହୋଇଯାଇଥିଲେ। ପ୍ରଥମରୁ ଥରେମାତ୍ର ପଚ୍ଛୁଆ ଓଲଟୁଥିବା ପ୍ରିୟାଂଶୁ ସମୟକ୍ରମେ ଦିନକୁ ଏକଶହ, ଦୁଇଶହ, ତିନିଶହରୁ ଅଧିକଥର ଅଭ୍ୟାସ ଜାରି ରଖିଛନ୍ତି। ଏହିପରି ମିନିଟ୍‌କୁ ୧୯ଥର ଓଲଟିବା ଶିଖିଯାଇଥିଲେ। ଫଳରେ ପରିବାର ଲୋକେ ଏନେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ର କର୍ମକର୍ତ୍ତାମାନେ ପ୍ରଥମେ ବିଶ୍ୱାସ କରି ନ ଥିଲେ ମଧ୍ୟ ନିଜ ଆଖିରେ ଦେଖିବା ପରେ ଚକିତ ହୋଇଯାଇଥିଲେ। ଏହାସହ ପ୍ରିୟାଂଶୁଙ୍କ ନାମ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନିତ କରିଥିଲେ। ପ୍ରିୟାଂଶୁ ଜିମ୍ନାଷ୍ଟିକ ସହ ସୁନ୍ଦର ସ୍କେଟିଂ ଓ ରୋପିଙ୍ଗ୍ କରିପାରନ୍ତି। ବିଶ୍ୱରେକର୍ଡ ପାଇଁ ସେ ଅଭ୍ୟାସ ଜାରି ରଖିଛନ୍ତି। ପ୍ରିୟାଂଶୁଙ୍କ ପିତା ପ୍ରକାଶ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଥିବା ବେଳେ ମା' ହରପ୍ରିୟା ଜଣେ ସୁଗୃହିଣୀ। ପ୍ରକାଶ ୨୦୨୩ରେ ସର୍ବଭାରତୀୟ ପୋଲିସ ଯୋଗ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିଲେ।



ପଦକ ସହ ପ୍ରିୟାଂଶୁ ମଲ୍ଲିକ।

# କକ୍ଷତ୍ୟାଗ କରି ଧାରଣାରେ ବସିଲେ ସମିତି ସଭ୍ୟ, ସରପଞ୍ଚ

**ନୂଆଗାଁ ପଞ୍ଚାୟତ ସମିତି ଦ୍ୱାଦଶ ସାଧାରଣ ଅଧିବେଶନ**

- ବିଡିଓଙ୍କ ବୁଝାଶୁଝା ପରେ ଫେରିଲେ
- ଅସନ୍ତୋଷ ବ୍ୟକ୍ତ କରି କକ୍ଷ ତ୍ୟାଗ କଲେ ସୋରଡ଼ା ସମିତି ସଭ୍ୟ


କକ୍ଷତ୍ୟାଗ କରି ପାହାଚଠାରେ ସମିତି ସଭ୍ୟ ଓ ସରପଞ୍ଚଙ୍କ ଧାରଣା ।

**ନୂଆଗାଁ, ୨୨।୪ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ଦ୍ୱାଦଶ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସକାଳ ୭.୩୦ରେ ହେବାକୁ ଚିଠି କରାଯାଇଥିଲେ ମଧ୍ୟ ୯.୩୦ ସୁଦ୍ଧା ଆରମ୍ଭ ନ ହେବାରୁ ଉପସ୍ଥିତ ଜନ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ୧୦ ଟାରେ ଅଧିବେଶନ ଆରମ୍ଭ ହୋଇଥିଲା। ଆରଡି ବିଭାଗର କୌଣସି ଅଧିକାରୀ ଆସି ନ ଥିବାରୁ ପୂର୍ବ ବୈଠକର ବିବରଣୀ ଦୃଢୀକରଣ ହୋଇ ପରି ନ ଥିଲା। ଯନ୍ତ୍ରୀ ଆସିବା ପରେ ଦୃଢୀକରଣ କରାଗଲା। ଆରଡି ବିଭାଗର କାର୍ଯ୍ୟକଳାପରେ ସଭାଗୃହରେ ଅସନ୍ତୋଷ ଦେଖା ଦେଇଥିଲା। ବାଲଣ୍ଡାଠାରୁ ସିମିଳିସାହି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ସାଙ୍ଗକୁ ନିମ୍ନମାନର ଓ ମହୀପୁରଠାରୁ ସମ୍ପଡା ରାସ୍ତାର ଅବସ୍ଥା ଶୋଚନୀୟ ଯୋଗୁ ପାରାଢ଼ିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମହୀପୁରଠାରୁ ବାଲୁଙ୍ଗା ପିଡବ୍ଲ୍ୟୁଡି ରୋଡ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଶେଷ ହୋଇଥିବା ନେଇ ତଥ୍ୟ ଦେଇଥିଲେ। ଯାହାକୁ ନେଇ ସମସ୍ତେ ତାସଲ୍ୟ କରିଥିଲେ। ସମିତି ଅଧିବେଶନରେ ବାରମ୍ବାର ଆଲୋଚନା କୌଣସି ସୁଫଳ ମିଳୁ ନ ଥିବାରୁ ସଭାରେ ଅସନ୍ତୋଷ ଦେଖା ଦେଇଥିଲା। ବ୍ଲକ ପରିସରରେ ବସିବା ପାଇଁ ଜନ ପ୍ରତିନିଧିଙ୍କ ଲାଗି ଗୃହ , ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ବାରମ୍ବାର ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଏହାକୁ ନେଇ ହୋହାଲ୍ଲା ହେବା ପରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭା କକ୍ଷ ତ୍ୟାଗକରି ତଳକୁ ଯାଇ ପାହଚ ପାଖରେ ବସି ବିଭିନ୍ନ ନାରା ଦେଇ ପ୍ରତିବାଦ କରିଥିଲେ। ବିଡିଓ ଅମୃତ କୁମାର ରାଉଳ ବୁଝାସୁଝା କରିବା ସହ ଅଭିଯୋଗ ସମ୍ପର୍କରେ ଆଲୋଚନା କରିବା ଓ ଆବଶ୍ୟକ ଥିବା ଗୃହ, ଶୌଚାଳୟ, ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ରେଗୁଲେସନ କରି ଶୀଘ୍ର କାର୍ଯ୍ୟାରମ୍ଭ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ହଟି ସଭାଗୃହକୁ ଫେରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ଆମେ ପ୍ରକଳ୍ପ ଦେଇଥିଲୁ। କିନ୍ତୁ ଆମ ଅଜାଣତରେ କାର୍ଯ୍ୟ ହେଉଛି ବୋଲି ସରପଞ୍ଚମାନେ ଅଭିଯୋଗ ଆଣିଥିଲେ। ବାରମ୍ବାର କହିବା ପରେ ଆର୍‌ଡି ବିଭାଗ କୌଣସି କାର୍ଯ୍ୟ କରୁ ନ ଥିବାରୁ ଏବଂ ସମିତି ବୈଠକରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ସୋରଡା ସମିତି ସଭ୍ୟ ସୁଶାନ୍ତ ସାହୁ କକ୍ଷ ତ୍ୟାଗ କରିଥିଲେ। ଓଡଗାଁ ଥାନା ତଥା ବାହାଡାଝୋଲା ଫାଣ୍ଡି ଅଧିନରେ ଦଲାଲମାନଙ୍କ ମାଧ୍ୟମରେ ପ୍ରତିଦିନ କାପ୍ତାପଲୀ ରାସ୍ତା ଦେଇ ବଡ ଗାଡିରେ ଗୋ ଚାଲାଣ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଦକ୍ଷେପ ନେବାକୁ ଜନୈକ ସମିତି ସଭ୍ୟ ଅନୁରୋଧ କରିଥିଲେ। ଗୁମୀ ଅଧିନ ଡିମିରିପଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡାକ୍ତର ଆସୁ ନ ଥିବା ନେଇ ଗୁମୀ ସମିତି ସଭ୍ୟ ସଞ୍ଜୀବ ଡାକୁଆ ଅଭିଯୋଗ କରିଥିଲେ।

ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମିତି ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା , ଏମ୍‌ପି ପ୍ରତିନିଧି ଭୀମସେନ ସେଠୀ, ବିଡିଓ ରାଉଳ, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ବନ୍ଧାହେଲେ ନକଲି ଶିକ୍ଷକ


ଗିରଫ ହୋଇଥିବା ନକଲି ଶିକ୍ଷକ ।

**ଶରଣକୁଳ, ୨୨।୪(ଦୀପକ କର)**

ଶରଣକୁଳ ପୋଲିସ ଜଣେ ନକଲି ଶିକ୍ଷକଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି। ନକଲି ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ଶିକ୍ଷକଙ୍କୁ ଗିରଫ କରିବା ପରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଛନକା ପଶିଛି। ନୂଆଗାଁ ଥାନା ଦୁରୁଦୁରା ଗ୍ରାମର ଜିତେନ୍ଦ୍ର କୁମାର ଘଡେଇ ୧୨ବର୍ଷ ଧରି ଶିକ୍ଷା ସହାୟକ ଭାବେ ବଧିସାହି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ରାଜ୍ୟ ଶିକ୍ଷା ନିୟମ ଅନୁଯାୟୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୧ରେ ଓ ଗୋଷ୍ଠୀ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରିବା ସମୟରେ ଜିତେନ୍ଦ୍ରଙ୍କ ସାର୍ଟିଫିକେଟ ଜାଲ ବୋଲି ଜଣାପଡିବା ଘଟଣା ପଦାକୁ ଆସିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାହୁ ସହକାରୀ ଶିକ୍ଷକ ଘଡେଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ସହିତ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶରଣକୁଳ ପୋଲିସ ଘଟଣାର ତଦନ୍ତ କରିଥିଲା। ସହକାରୀ ଶିକ୍ଷକ ଘଡେଇ ଜାଲ ଏକାଡେମିକ ସାର୍ଟିଫିକେଟ, ମାଟ୍ରିକ, ଯୁକ୍ତ ୨ ମାର୍କ ସାର୍ଟିଫିକେଟ, ଯୁକ୍ତ ୩ ମାର୍କସିଟ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିଲେ। ବୁଧବାର ଶରଣକୁଳ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ୧୨ବର୍ଷ ଧରି ଚାକିରି ସମୟରେ ସେ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ତୋଷାରପାତ କରିଥିବାରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସର ସହାୟତା ନେଇଥିଲେ।

# ପୂର୍ତ୍ତ ବିଭାଗ ପ୍ରତିଶ୍ରୁତି ରକ୍ଷା ନ କରିବାରୁ ଜିଲାପାଳଙ୍କୁ ଫେରାଦ

- ୩୦ ତାରିଖ ଭିତରେ ରାସ୍ତା ନ ହେଲେ ଗଣଧାରଣା ଚେତାବନୀ
- ରାସ୍ତା ପାଇଁ ଦେଓଗାଁ ଗ୍ରାମବାସୀଙ୍କ ୨୫ ବର୍ଷର ସଂଗ୍ରାମ

**ନୟାଗଡ଼, ୨୨।୪(ଲୋକନାଥ ମିଶ୍ର)**

ରଙ୍ଗଣିପାଟଣାଠାରୁ ସୁନାମୁହିଁ ରାସ୍ତାର ଦେଓଗାଁ ଭାଲିଆଡ଼ିହିକୁ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ୯ ମାସ ତଳେ ଦେଇଥିବା ପ୍ରତିଶୃତି ରକ୍ଷା ନ କରିବାରୁ ବୁଧବାର ଦେଓଗାଁ ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଚଳିତମାସ ୩୦ ତାରିଖ ଭିତରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ପୁଣି ଥରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ରାସ୍ତା ପାଇଁ ଦେଓଗାଁ ଗ୍ରାମବାସୀ ୨୫ ବର୍ଷ ହେଲା ସଂଗ୍ରାମ ଚଳାଇ ଆସିଛନ୍ତି।

ପ୍ରକାଶ ଯେ, ସ୍ୱାଧୀନତାର ୭୬ ବର୍ଷ ପରେ ବି ଦେଓଗାଁକୁ ପକ୍କା ରାସ୍ତା ହୋଇପାରି ନାହିଁ। ରାସ୍ତା ହେବା ନେଇ ଓଡ଼ଗାଁ ତହସିଲଦାରଙ୍କ ଚିଠି ନଂ. ୩୧୩୯, ୯।୬।୨୫ ରିଖରେ ଉପଯୁକ୍ତ ନକ୍ସା ଏବଂ ରାସ୍ତା ପାଇଁ କାଗଜପତ୍ର ପୂର୍ତ୍ତ ବିଭାଗକୁ ପ୍ରଦାନ କରି ସାରିଛନ୍ତି। ଅନ୍ୟପକ୍ଷେ ଗତ ଜୁନ ୧୮ ରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନୟାଗଡ଼ଙ୍କୁ ରାସ୍ତା କରିବା ନେଇ ଗ୍ରାମବାସୀ ଲିଖିତ ଅନୁରୋଧ କରିଥିଲେ। ପୂର୍ତ୍ତବିଭାଗ ଯନ୍ତ୍ରୀ କାର୍ଯ୍ୟାଳୟ ମେମୋ ନଂ ୧୦୯୧୮ ରେ ଓଡ଼ଗାଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ବିଭାଗୀୟ ପଦକ୍ଷେପ ନେବା ପାଇଁ ଚିଠି କରିଥିଲେ। ସବୁ ସତ୍ତ୍ୱେ ରାସ୍ତା ନ ହେବାରୁ ଗ୍ରାମବାସୀ ପୁନର୍ବାର ୨୦୨୫ ଜୁଲାଇ ୧ ରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନୟାଗଡ଼ଙ୍କୁ ଲିଖିତ ଅନୁରୋଧ କରିଥିଲେ। ରାସ୍ତା ପାଇଁ ସମସ୍ତ କାଗଜପତ୍ର,ତହସିଲଦାରଙ୍କ ନକ୍ସା ଥିଲେ ମଧ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ରାସ୍ତା କାର୍ଯ୍ୟ ଆରମ୍ଭ ହେଲାନାହିଁ।

ଏଣୁ ଗ୍ରାମବାସୀ ୨୦୨୫ ଜୁଲାଇ ୭ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ନୟାଗଡ଼ରେ ରାସ୍ତା ନିମନ୍ତେ ଅନୁରୋଧ କରି ଦାବିପତ୍ର ପ୍ରଦାନ କରିଥିଲେ। ପରେ ପୁଣି ୨୦୨୫ ଜୁଲାଇ ୨୮ ରେ ଓଡ଼ଗାଁଠାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରି ପୁନର୍ବାର ଦାବିପତ୍ର ପ୍ରଦାନ କରିଥିଲେ। ରାସ୍ତା ନିମନ୍ତେ ସମସ୍ତ ନକ୍ସା ଓ କାଗଜପତ୍ର ଥିଲେ ସୁଦ୍ଧା ପୂର୍ତ୍ତ ବିଭାଗ ଏବଂ ଜିଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ ସୁଦ୍ଧା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଏଭଳିସ୍ଥଳେ ଦେଓଗାଁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ରହିବେ ବୋଲି ସ୍ମାରକପତ୍ର ଦେଇ ୨୦୨୫ ସେପ୍ଟେମ୍ବର ୧ରେ ଧାରଣା ଆରମ୍ଭ କରିଥିଲେ। ଆନ୍ଦୋଳନସ୍ଥଳୀକୁ ଉପଜିଲାପାଳ କର୍ଣ୍ଣଦେବ ସମାଦାର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ନୟାଗଡ଼ ନିର୍ବାହୀ ଯନ୍ତ୍ରୀ, ଓଡ଼ଗାଁ ସହକାରୀ ଯନ୍ତ୍ରୀ ପହଞ୍ଚି ବୁଝାସୁଝା କରିବା ସହ ୨୦୨୬ ଏପ୍ରିଲ ୩୦ ସୁଦ୍ଧା ରାସ୍ତା କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ସେହିଦିନ ରାତି ୧୦ଟାରେ ଲିଖିତ ପ୍ରମାଣ ପତ୍ର ଧରି ପ୍ରତ୍ୟାହୃତ କରିଥିଲେ। ଏବେ ଏପ୍ରିଲ ୩୦ ତାରିଖ ଆଉ ୭ ଦିନ ଥିବାବେଳେ ରାସ୍ତାକାମ ଆରମ୍ଭ ନ ହେବାରୁ ପୂର୍ତ୍ତ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତକରି ଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି ।

# ଟ୍ରେନ୍‌ରୁ ଖସି ଯୁବକଙ୍କ ମୃତ୍ୟୁ

**ନୂଆଗାଁ, ୨୨।୪ (ଧନେଶ୍ୱର ସାହୁ)**

ନୟାଗଡ ଜିଲା ନୂଆଗାଁ ଥାନା ଆଛୁପଡା ନିକଟବର୍ତ୍ତୀ ସ୍ଥାନରେ ଟ୍ରେନରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିପାରି ନାହିଁ । ବୁଧବାର ସକାଳ ୬ ଟାରେ ଦଶପଲ୍ଲାରୁ ଭୁବନେଶ୍ୱର ଟ୍ରେନରେ ଜଣେ ଯୁବକ ଯାଉଥିଲେ। ତେବେ ଆଛୁପଡା ନିକଟରେ କୌଣସି କାରଣରୁ ଯୁବକଜଣକ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିଛି । ନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ପରେ ଖୋର୍ଦ୍ଧା ଜିଆରପି ପୋଲିସ ପହଞ୍ଚି ମୃତ ଦେହ ଜବତ କରିଥିବା ଜଣାପଡ଼ିଛି ।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ

**ଦଶପଲ୍ଲା, ୨୨।୪ (ପ୍ରକାଶ କୁମାର ପାଣି)**

ବିଶ୍ୱ ଧରିତ୍ରୀ ଦିବସ ଅବସରରେ ବୁଧବାର ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ଡାଳିପଦର ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷା ମହାସଂଘ ନୟାଗଡ଼ ସମ୍ପାଦକ କିଶୋର ଚନ୍ଦ୍ର ଦଳବେହେରାଙ୍କ ଆହ୍ୱାନକ୍ରମେ ଡାଳିପଦରଠାରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି । ନାମ ସଂକୀର୍ତ୍ତନ ମୃଦଙ୍ଗ ତାଳ ନାମ ତାଳେ ତାଳେ ମାଟି ପୂଜନ ଓ ବୃକ୍ଷ ପୂଜନ ହରିନାମ ଭଜନ କରି ଗ୍ରାମ ପରିକ୍ରମା ସହ ମାଟିମା ସୁରକ୍ଷା, ବୃକ୍ଷ ହିଁ ଜୀବନ, ପ୍ଲାଷ୍ଟିକ ବର୍ଜନ, ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାର, ସଡକ ସୁରକ୍ଷା ଜୀବନ ରକ୍ଷା, ଜଙ୍ଗଲକୁ ନିଆଁରୁ ରକ୍ଷା,ଜଳର ସୁବିନିଯୋଗ, ସ୍ୱଚ୍ଛ ଗଛ ଆଉ ସବୁ ପଛ ପୂଜ୍ୟ ପୂଜାକୁ ସମ୍ମାନ ଦେଇ ନାରୀ ବା ମା'ର ସୁରକ୍ଷା, ମା'କୁ,ବରିଷ୍ଠଙ୍କୁ ସମ୍ମାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୌରାଙ୍ଗ ଦେହୁରୀ ଜଙ୍ଗଲ ସୁରକ୍ଷା ମହାସଂଘ ଦଶପଲ୍ଲା ଜୋନ କୋଷାଧ୍ୟକ୍ଷ, ଭୁବନେଶ୍ୱର ମଳିକ ସମ୍ପାଦକ, ରୁକ୍ମଣୀ ମଳିକ ଏବଂ ଆରୋମିରା ଟ୍ରଷ୍ଟ ସଦସ୍ୟ, ଜଙ୍ଗଲ ସୁରକ୍ଷା ମହାସଂଘ ସଦସ୍ୟ, ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ସଦସ୍ୟ ,ମହାବୀର ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟ, ସାମୁହିକ ବିକାଶ ସମିତି ଦଶପଲ୍ଲା ଏବଂ ଆଦିତ୍ୟ ବାହିନୀ ଗୋବର୍ଦ୍ଧନ ମଠ ପୁରୀର ଦଶପଲ୍ଲା ଶାଖା କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ।

## ବାହାଡ଼ାଝୋଲା ପଞ୍ଚାୟତରେ କ୍ୟାମ୍ପ କୋର୍ଟ

**୧୦ ମାମଲାରୁ ୨ ସମାଧାନ**

**ନୂଆଗାଁ, ୨୨।୪(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଝୋଲା ପଞ୍ଚାୟତରେ ମଙ୍ଗଳବାର କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ ଓଡ଼ଗାଁ ଗ୍ରାମ ନ୍ୟାୟାଳୟ ପକ୍ଷରୁ ବାହାଡ଼ାଝୋଲା ପଞ୍ଚାୟତ ପରିସରରେ ମଙ୍ଗଳବାର ସକାଳ ୯ ଟାରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦ ଟି ମାମଲା ପରିଚାଳନା ହୋଇଥିଲା । ମାମଲାରେ ୨୦ ଜଣ ସାକ୍ଷୀଙ୍କ ବୟାନ ପରେ ଦୁଇଟି ମାମଲା ସମାଧାନ କରାଯାଇଥିଲା। ମୁଖ୍ୟ ନ୍ୟାୟ ଅଧିକାରୀ ସୌମ୍ୟଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସରକାରୀ ଓକିଲ ଭାବେ କିଶୋର ଚନ୍ଦ୍ର ସାହୁ, ପ୍ରମୋଦ ବିଶ୍ୱାଳ ଓ ବିନୋଦ କୁମାର ସାହୁଙ୍କ ସମେତ ଓଡ଼ଗାଁ ଗ୍ରାମ ନ୍ୟାୟାଳୟ କର୍ମଚାରୀ ପୂଜା ପ୍ରଧାନ ଓ ଏଲିନା ସାମଲ କ୍ୟାମ୍ପ କୋର୍ଟରେ ସହଯୋଗ କରିଥିଲେ। ବାହାଡ଼ାଝୋଲା ସରପଞ୍ଚ ଆରତୀ ସେଠୀ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସହିତ ସମସ୍ତ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୪୦ ହଜାର ଟଙ୍କାର ଚୋରା କାଠ ଜବତ

**ଦଶପଲ୍ଲା, ୨୨।୪ (ପ୍ରକାଶ କୁମାର ପାଣି)**

ପୋଖରୀ ଖୋଛା ସଂରକ୍ଷିତ ଜଙ୍ଗଲରୁ କାଠ କାଟି ବାଇକ୍‌ରେ ନେଉଥିବା ବେଳେ ବନ ବିଭାଗ ତରଫରୁ ଚଢ଼ାଉ କରି ବୁଧବାର କାଠକୁ ଜବତ କରିଥିବା ଜଣାଯାଇଛି। ଏକ ବାଇକ୍‌ରେ ଚୋରା କାଠ ଯିବାର ବିଶ୍ୱସ୍ତସୂତ୍ରରୁ ଦଶପଲ୍ଲା ରେଞ୍ଜର ଶ୍ରୀନିବାସ ଦାସ ଖବରପାଇ ସାକେଣୀ ଫରେଷ୍ଟରଙ୍କୁ ଜବତ ପାଇଁ ନିର୍ଦ୍ଦେଶ ଦେଇଥିଲେ,ସାକେଣୀ ଫରେଷ୍ଟର ବନମାଳୀ ରାଉତ ସଦଳବଳେ ଚଢାଉ କରି ଗୋଡିଡା ଗଉଡ଼ ସାହି ସାହି ୬ ଶାଗୁଆନ ଲଗ,୨ଟି ଶିରି ଲଗକୁ ଜବତ କରିଥିଲେ। କାଠ ନେଉଥିବା ବ୍ୟକ୍ତି ଫେରାର ହୋଇଯାଇଥିଲେ। ପୋଖରୀ ଗୋଛା ସଂରକ୍ଷିତ ଜଙ୍ଗଲରୁ ଏହି କାଠଗୁଡ଼ିକ ଆସିଥିବା ଜଣାପଡ଼ିଛି।


ଜବତ କାଠକୁ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଉଛି।

# କଂସାପିତ୍ତଳ ଶିଳ୍ପ ବ୍ୟାଖ୍ୟାନ କେନ୍ଦ୍ରର ଭାଗ୍ୟ ଦେବୋତ୍ତର ବିଭାଗ ଉପରେ

**ଖଣ୍ଡପଡା,୨୨।୪**
**(ଅଜୟ କୁମାର ମହାରଣା)**

କଂସା ପିତ୍ତଳ ବାସନ ଶିଳ୍ପ ବିକାଶ ଲକ୍ଷ୍ୟରେ କଣ୍ଟିଲୋଠାରେ ୭୪ ଲକ୍ଷ ଟଙ୍କା ବ୍ୟୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ନିର୍ମିତ ଏକ କଂସା ପିତ୍ତଳ ଶିଳ୍ପ ବାଖ୍ୟାନକେନ୍ଦ୍ର କଂସା ପିତ୍ତଳ ଶିଳ୍ପ ତଥା କାରିଗରମାନଙ୍କ ବିକାଶ ପରିବର୍ତ୍ତେ ଦେବୋତ୍ତର ବିଭାଗର ବିକାଶ ସାଧନ ହେଉଥିବା ଜଣାପଡିଛି। ତେବେ ସମ୍ପୃକ୍ତ ବାଖ୍ୟାନ କେନ୍ଦ୍ରର ଭାଗ୍ୟ ଡୋରି ଖଣ୍ଡପଡା ଦେବୋତ୍ତର ବିଭାଗ ଉପରେ ନିର୍ଭର କରୁଥିବା ଜଣାପଡିଛି।

ଏକଦା କଣ୍ଟିଲୋର କଂସାପିତ୍ତଳ ବାସନ ଶିଳ୍ପ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧ ଲାଭ କରିଥିଲା। ମାତ୍ର ବଜାରରେ ସୌଖୀନ ଷ୍ଟିଲ, ପ୍ଲାଷ୍ଟିକ ଓ ଫାଇବର ବାସନର ବହୁଳ ପ୍ରଚଳନ ଏବଂ କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲର ଅଭାବ ସାଙ୍ଗକୁ ଉତ୍ପାଦିତ ବାସନ ସାମଗ୍ରୀର ଅତ୍ୟଧିକ ଦର ଏହି ଶିଳ୍ପକୁ ପଙ୍ଗୁ କରିଦେଇଛି। ଫଳରେ ବହୁ ପୁରାତନ କଂସା ପିତ୍ତଳ ବାସନ ଶିଳ୍ପ କ୍ରମଶଃ ବୁଡି ଯିବାକୁ ବସିଲାଣି। ଏ ଶିଳ୍ପ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରୁଥିବା ଶତାଧିକ କାରିଗର ପରିବାର ବିମୁଖ ହୋଇ ଅନ୍ୟତ୍ର ଦାଦନ ଖଟିବା ପାଇଁ ଚାଲିଯାଉଛନ୍ତି।

ସେଥିପାଇଁ ଏହି ପ୍ରକଳ୍ପଟି ସମ୍ପ୍ରତି ଦେବୋତ୍ତର ବିଭାଗ ଦାଇତ୍ୱରେ ରହିଛି। ପରିତାପର ବିଷୟ ସମ୍ପୃକ୍ତ ପ୍ରକଳ୍ପଟି ଦୀର୍ଘ ୧୬ବର୍ଷ ହେଲା ସମ୍ପନ୍ନ ହୋଇଥିଲେ ମଧ ବିଭାଗୀୟ ଉଦାସୀନତାର ସୁଯୋଗ ନେଇ ବର୍ତ୍ତମାନ ଏହି ବ୍ୟାଖ୍ୟାନ କେନ୍ଦ୍ରକୁ ଶ୍ରୀ ନୀଳମାଧବ ଜୀଉ ମନ୍ଦିରର ଉନ୍ନତି ଆଳରେ ଦେବୋତ୍ତର ବିଭାଗ ଉପଭୋଗ କରୁଥିବା ଜଣାପଡିଛି। ବିଭିନ୍ନ ଯାନିଯାତ୍ରା, ବିବାହ, ବ୍ରତ କାର୍ଯ୍ୟ ସଂପନ୍ନ ଓ ପର୍ଯ୍ୟଟକମାନଙ୍କ ସ୍ନାନ ଶୌଚାଦି ପାଇଁ ବ୍ୟବହାର କରାଯାଇ ଦେବୋତ୍ତର ବିଭାଗ ଅର୍ଥ ଆଦାୟ କରୁଥିବା ଜଣାପଡିଛି। ଫଳରେ ଯେଉଁ ଲକ୍ଷ ନେଇ ଏହି ପ୍ରକଳ୍ପଟି ନିର୍ମାଣ କରା ଯାଇଥିଲା, ଏହା ତା'ର ପ୍ରକୃତ ଲକ୍ଷଠାରୁ ଦୂରେଇ ଯାଉଛି। ଏଠାରେ ଥିବା ଏକ କୋଠରୀରେ କଂସା ପିତଳ କାରିଗରମାନଙ୍କ ଶିଳ୍ପ ବିଭାଗ ପକ୍ଷରୁ ପାଇଁ କଞ୍ଚାମାଲ ଡିପୋ (ବିକ୍ରୟ କେନ୍ଦ୍ର) ଗତ ୮ ବର୍ଷ ହେଲା ଖୋଲା ଯାଇଥିବା ବେଳେ ତାହା କିନ୍ତୁ ଠିକ୍ ଭାବେ କାର୍ଯ୍ୟ ହେଉ ନ ଥିବା ଜଣାପଡିଛି। ତେବେ ସମ୍ପୃକ୍ତ ପ୍ରକଳ୍ପର ଭବିଷ୍ୟତ କେବଳ ଦେବୋତ୍ତର ବିଭାଗ ଉପରେ ନିର୍ଭର କରୁଥିବା ସାଧାରଣରେ ତଥା ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ନୀଳମାଧବ ବିକାଶ ପ୍ରକଳ୍ପ ଯୋଜନାରେ ଉକ୍ତ ବ୍ୟାଖାନ କେନ୍ଦ୍ରକୁ ସାମିଲ କରାଯାଇଥିବାରୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ବଂଶଲ କମ୍ପାନୀ ଏହାର ଉନ୍ନତୀକରଣ ଲକ୍ଷ୍ୟରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ନିଜ ଦାୟୀତ୍ୱରେ ରଖିଛି। ଫଳରେ ଏହି ବ୍ୟାଖ୍ୟାନ କେନ୍ଦ୍ରଟି ସର୍ବଦା ତାଲା ଝୁଲୁଥିବା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ବ୍ୟାଖ୍ୟାନ କେନ୍ଦ୍ର କାର୍ଯ୍ୟ ସମ୍ପନ୍ନ ହୋଇଯାଇଥିଲା ବେଳେ ଆମ ଦାୟୀତ୍ୱକୁ ଆଣିବା ପୂର୍ବରୁ ଯୋଜନା ମୁତାବକ କାର୍ଯ୍ୟ ହୋଇଛି ନା ନାହିଁ ଏହାକୁ ତଦାରଖ କରି ଆମ ଦାୟୀତ୍ୱକୁ ଆଣିବୁ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।



କଂସା ପିତ୍ତଳ ଶିଳ୍ପ ବ୍ୟାଖ୍ୟାନ କେନ୍ଦ୍ର ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱଜିତ୍


@ ପୂଜା


@ କାର୍ତ୍ତିକ


@ ଖୁସି


@ ରଶ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

